# ଭା.କୃ.ଅ.ନୁ.ପ.- କେନ୍ଦ୍ରୀୟ କପା ଗବେଷଣା ପ୍ରତିଷ୍ଠାନ, ନାଗପୁର
# କପା ଚାଷ ପାଇଁ XXVIII(ଅଠେଇଶତମ) ସାପ୍ତାହିକ ପରାମର୍ଶ

| ODISHA | | ପୂର୍ବ ସପ୍ତାହରେ ବାସ୍ତବିକ ବର୍ଷା (ମିମି) | | | | | ଆଗାମୀ ସପ୍ତାହରେ ଆନୁମାନିକ ବର୍ଷା (ମିମି) | | | | |
|---|---|---|---|---|---|---|---|---|---|---|---|
| | | ନଭେମ୍ବର/ ଡିସେମ୍ବର | | | | | ଡିସେମ୍ବର | | | | |
| | | 13 | 14 | 15 | 16 | 17 | 19 | 20 | 21 | 22 | 23 |
|  | କୋରାପୁଟ | 0 | 0 | 0 | 0 | 0 | 0 | 2.1 | 17 | 6.7 | 0.6 |
| | କଳାହାଣ୍ଡି | 0 | 0 | 0 | 0 | 0 | 0 | 0 | 7.6 | 12 | 0.3 |
| | ବଲାଙ୍ଗିର | 0 | 0 | 0 | 0 | 0 | 0 | 0 | 1.9 | 33.6 | 0.2 |
| ବର୍ଷ ପରିମାଣ ଓ ରଙ୍ଗ ସଂକେତ | | ୦.୧ ରୁ ୨.୪ ମି ମି | | ୨.୫ ରୁ ୧୫.୫ ମିମି | | ୧୫.୬ ରୁ ୬୪.୪ ମିମି | | ୬୪.୫ ରୁ ୧୧୫.୫ ମିମି | | ୧୧୫.୬ ରୁ ୨୦୪.୪ ମିମି | |
| ବର୍ଷା ପ୍ରକାର | | ଅତି ଅଳ୍ପ ବର୍ଷା | | ଅଳ୍ପ ବର୍ଷା | | ସାଧାରଣ ବର୍ଷା | | ପ୍ରବଳ ବର୍ଷା | | ଅତି ପ୍ରବଳ ବର୍ଷା | |

**କପା ଫସଲ ଅବସ୍ଥା:**

ଓଡିଶାରେ ଏବେ କପା ଫସଲ ଏବେ ଫଳ ଫାଟିବା ଏବଂ ଅମଳ କରିବା ଅବସ୍ଥାରେ ଅଛି । ତୃତୀୟ ଥର କପା ତୋଳିବା କାମ ଚାଲିଛି। ପ୍ରାୟ ସବୁ କପା ଚାଷ ଅଞ୍ଚଳରୁ ପାଟଳ ବକରା ବିନ୍ଧା ପୋକ ଲାଗିଥିବାର ଖବର ମିଳୁଛି କିନ୍ତୁ ଏ ସବୁ ପୋକ ସଂକ୍ରମଣ ଆର୍ଥିକ ଡାହେଳି ସୀମା ତଳେ ଅଛି (1-2 % ସବୁଜ ବକରା କ୍ଷତି)। ଅଣବିଟି କପରେ ଅମେରିକୀୟ ବକରା ବିନ୍ଧା ପୋକ ଲାଗି ଥିବାର ସୂଚନା ମିଳିଛି । ଧୂସର ପତ୍ର ଦାଗ ଓ ବୀଜାଣୁ ଜନିତ ପତ୍ର ପୋଡା ରୋଗ ପ୍ରାୟ ସବୁ ଜିଲ୍ଲାରେ ଲାଗି ଥିବାର ଖବର ମିଳିଛି।

**ପରାମର୍ଶ:**

ସମ୍ପୁର୍ଣ ଫୁଟିଥିବା କପା ତୋଳନ୍ତୁ ଏବଂ ଏହାକୁ ସିମେଣ୍ଟ ଚଟାଣ କିମ୍ବା ତାରପଲିନ ଉପରେ ଭଲ ଭାବରେ ଶୁଖାନ୍ତୁ ଯେମିତିକି ଏହାର ଆର୍ଦ୍ରତା 8-10 % ରାହୀବା । ପ୍ରଥମ ଥର ତୋଳା ଯାଇଥିବା କପାକୁ ଅଲଗା ରଖନ୍ତୁ। ପୋକ ଓ ରୋଗର ସ୍ଥିତି ଜାଣିବା ପାଇଁ ନିୟମିତ ଭାବରେ ସର୍ବେକ୍ଷଣ କରନ୍ତୁ। ପାଟଳ ବକରା ବିନ୍ଧା ପୋକର ସଂଖ୍ୟା ଆର୍ଥିକ ଡାହେଳି ସୀମା ଅତିକ୍ରମ କଲେ ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି 250 ମିଲି ସାଇପାରମେଥରିନ 10%EC, କିମ୍ବା 100 ମିଲି ସାଇପାରମେଥରିନ25%EC କିମ୍ବା 200 ମିଲି ଲମ୍ବଡା ସାଇହଲୋଟ୍ରିନ 5% ଇସି କିମ୍ବା 200 ମିଲି ଡେଲ୍ଟା ମେଥ୍ରିନ 2.8 EC କିମ୍ବା 350 ମିଲି ଫେନପ୍ରୋପଥରିନ 10 %ଇସି କିମ୍ବା 200 ମିଲି ଫେନଭାଲେରେଟ 20%EC କିମ୍ବା 120 ମିଲି ଆଲଫା ସାଇପାରମେଥରିନ10%EC ଅଉଷଧକୁ 200 ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ପୂର୍ବ ବର୍ଷ ଯେଉଁ ସ୍ଥାନ ମାନଙ୍କରେ ପାଟଳ ବକରା ବିନ୍ଧା ପୋକ ଲାଗିଥିଲା, ସେହି ସ୍ଥାନ ମାନଙ୍କରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡିବ। ପୋକ କିମ୍ବା ରୋଗ ଦ୍ଵାରା ଆକ୍ରାନ୍ତ ହେଇଥିବା ବକରା ଏବଂ ଗଛ ଗୁଡିକୁ ସଂଗ୍ରହ କରି ଜମି ବାହାରେ ପୋତି ଦିଅନ୍ତୁ। କପା ତୋଳିବା କାମ ଶେଷ ହେବ ସଙ୍ଗେ ସଙ୍ଗେ ଜମିରୁ ସବୁ ଗଛ କାଟି ବାହାର କରି ଦିଅନ୍ତୁ। ଏହାଦ୍ଵାରା ପାଟଳ ବକରା ବିନ୍ଧା ପୋକର ବଂଶ ବୃଦ୍ଧିକୁ ରୋକ ଯାଇ ପାରିବ ।

ଉନ୍ନତ କପା ଉତ୍ପାଦନ ପ୍ରଣାଳୀ ଯଥା ମୃତ୍ତିକା ଓ ବିହନ ଚୟନ, ସାର ପ୍ରୟୋଗ , ବୁଣିବା ପଦ୍ଧତି, ଜଳସେଚନ ଓ ଘାସ ପରିଚାଳନା, ରୋଗ ପୋକ ପରିଚାଳନା ଇତ୍ୟାଦି ଗୋଟିଏ ଅଣ୍ଡ୍ରୋଏଡ ଆଧାରିତ (ସିଆଇସିଆର କଟନ ଆପ )CICR Cotton App ଯାହାକି ଆଇସିଏଆରସିଆଇସିଆର-, ନାଗପୁର ଦ୍ଵାରା ପ୍ରସ୍ତୁତ କରାଯାଇଛି ସେଥିରୁ ରୁ ମିଳି ପାରିବ । ଗୁଗଲ ପ୍ଲେ ଷ୍ଟୋର ରୁ ଏହି ଆପ କୁ ମାଗଣାରେ ଡାଉନଲୋଡ କରା ଯାଇ ପାରିବ । ଏହା ଛଡା ଫସଲର ଅବସ୍ଥା ଓ ପାଣିପାଗ ଭିତ୍ତିକ ସାପ୍ତାହିକ ପରାମର୍ଶ ଗୁଡିକ ଆଇସିଏଆର-ସିଆଇସିଆର ୱେବ ସାଇଟ ରେ ଅପଲୋଡ କରା ଯାଉଛି, ଯାହାସବୁ ଚାଷୀ ମାନଙ୍କ ଉପକାର ପାଇଁ ମଧ୍ୟ ମିଳି ପାରିବ ।